ତା.୨୪.୦୯.୨୦୨୫

## ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା

***୧୬୫. ଶ୍ରୀ ଅମରେନ୍ଦ୍ର ଦାସ :** ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଅନୁଗ୍ରହ କରି କହିବେ କି : ଜଗତସିଂହପୁର ଜିଲ୍ଲାରେ ଏହି ବିଭାଗ ତରଫରୁ କି କି ଯୋଜନା ଅଛି ତାହାର ଏକ ତାଲିକା ପ୍ରଦାନ କରିବେ କି ଏବଂ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଏହି ବିଭାଗ କି କି ପଦକ୍ଷେପ ନେଇଛନ୍ତି ତାହାର ଏକ ତାଲିକା ବ୍ଲକୱାରୀ ପ୍ରଦାନ କରିବେ କି ଏବଂ ଆଗାମୀ ଦିନରେ ମହିଳାମାନେ ବିଭାଗଦ୍ୱାର ଯେମିତି ଯଥେଷ୍ଟ ଉପକୃତ ହେବେ ସେଥିପ୍ରତି ଦୃଷ୍ଟି ଦେବେ କି ?

**ଉତ୍ତର**

**ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ**

**ମାନ୍ୟବର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ, ଓଡ଼ିଶା**

ଜଗତସିଂପୁର ଜିଲ୍ଲା ତଥା ସମଗ୍ର ରାଜ୍ୟର ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାକୁ ସରକାରଙ୍କର ତରଫରୁ ଶିଳ୍ପ ନୀତି -୨୦୨୨, ଓଡ଼ିଶା ସୁକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିକାଶ ନୀତି ୨୦୨୨, ଓଡ଼ିଶା ଖାଦ୍ୟପ୍ରକ୍ରିୟାକରଣ ନୀତି ୨୦୨୨, ଓଡ଼ିଶା Start-up Policy ୨୦୧୬, ପ୍ରଧାନମନ୍ତ୍ରୀ ନିଯୁକ୍ତି ସୃଜନ କାର୍ଯ୍ୟକ୍ରମ (PMEGP), ପ୍ରଧାନମନ୍ତ୍ରୀ ଅଣୁ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ସାଙ୍ଗଠିକରଣ ଯୋଜନା (PMFME), PM-Vishwakarma ଓ Chief Minister's Scheme for Reimbursement of Interest to MSMEs (CM-SRIM) ଯୋଜନା ମାଧ୍ୟମରେ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଅଛି | ଉକ୍ତ ଯୋଜନା ଗୁଡିକରେ ମହିଳା ମାନଙ୍କ ପାଇଁ ଥିବା ସ୍ୱତନ୍ତ୍ର ବ୍ୟବସ୍ଥାର ବିବରଣୀ ନିମ୍ନରେ ପ୍ରଦାନ କରାଯାଇଅଛି ।

1. ଓଡ଼ିଶା ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିକାଶ ନୀତି ୨୦୨୨ ଏବଂ ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣନୀତି ୨୦୨୨ ରେ ମହିଳା ମାନଙ୍କ ମଧ୍ୟରେ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ପାଇଁ ବିଶେଷ ପ୍ରୋତ୍ସାହନ ବ୍ୟବସ୍ଥା ରହିଅଛି। ଉକ୍ତ ନୀତିରେ ମହିଳା ମାନଙ୍କୁ ସାଧାରଣ ସୀମା ୨୫% ରୁ ୩୦% ପୁଞ୍ଜି ନିବେଶ ରିହାତି (Capital

Investment Subsidy) ଦେବା ସହ ଅତିରିକ୍ତ ୫% ପୁଞ୍ଜି ନିବେଶ ରିହାତି ପ୍ରଦାନ କରିବାର ବ୍ୟବସ୍ଥା ରହିଅଛି ।

2. ଓଡିଶା Start-up Policy-2016 ଅନୁଯାୟୀ ମହିଳା ଷ୍ଟାର୍ଟଅପ ପ୍ରତିଷ୍ଠାତା /ସହ-ପ୍ରତିଷ୍ଠାତାଙ୍କୁ ଏକ ବର୍ଷ ପାଇଁ 22 ,000/- ଟଙ୍କାର ମାସିକ ଭତ୍ତା ଓ ଉତ୍ପାଦ ବିକାଶ ଏବଂ ମାର୍କେଟିଂ /ପ୍ରଚାର ପାଇଁ 16.00ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତାର ବ୍ୟବସ୍ଥା ଅଛି ।

3. ପ୍ରଧାନମନ୍ତ୍ରୀ କର୍ମନିଯୁକ୍ତି ସୃଜନ ଯୋଜନା (PMEGP)ରେ ସାଧାରଣ ସୀମା ଗ୍ରାମାଞ୍ଚଳରେ ୨୫% ଏବଂ ସହରାଞ୍ଚଳରେ ୧୫% ରିହାତି (ପ୍ରକଳ୍ପ ମୂଲ୍ୟର) ଥିବାବେଳେ ମହିଳା ମାନଙ୍କୁ ଗ୍ରାମାଞ୍ଚଳରେ ୩୫% ଏବଂ ସହରାଞ୍ଚଳରେ ୨୫% ରିହାତି (ପ୍ରକଳ୍ପ ମୂଲ୍ୟର) ନୂତନ ଉଦ୍ୟୋଗ / ପ୍ରକଳ୍ପ ପ୍ରତିଷ୍ଠା ପାଇଁ ବ୍ୟବସ୍ଥା ଅଛି |

4. ପ୍ରଧାନମନ୍ତ୍ରୀ ଅଣୁ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ସଙ୍ଗଠିକରଣ ଯୋଜନା (PMFME) ଅନୁଯାୟୀ ବିଦ୍ୟମାନ/ ନୂତନ ୟୁନିଟ୍ ଗୁଡିକୁ ଅପଗ୍ରେଡ କରିବା ପାଇଁ credit - linked subsidy@ 35% ସର୍ବାଧିକ ₹10 ଲକ୍ଷ ଟଙ୍କା **ପର୍ଯ୍ୟନ୍ତ**, କାର୍ଯ୍ୟର ପୁଞ୍ଜି ଏବଂ ଛୋଟ ଉପକରଣ ପାଇଁ SHG ସଦସ୍ୟମାନଙ୍କୁ ₹40,000/- ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତାର ବ୍ୟବସ୍ଥା ଅଛି ।

5. Chief Minister's Scheme for Reimbursement of Interest to MSMEs (CM-SRIM) ଯୋଜନା ଅନୁଯାୟୀ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଗୁଡିକ ସେମାନଙ୍କ ଉଦ୍ୟୋଗ ପାଇଁ କାର୍ଯ୍ୟକାରୀ ପୁଞ୍ଜି ଋଣ (ନଗଦ କ୍ରେଡିଟ/ ରପ୍ତାନି ପ୍ୟାକିଂ କ୍ରେଡିଟ)ର ସୁଧର ପରିଶୋଧ ପାଇଁ ବ୍ୟବସ୍ଥା ଅଛି ।

6. "ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା (PM- Vishwakarma) ଅନୁଯାୟୀ ଯୋଗ୍ୟ ବିବେଚିତ କାରିଗରଙ୍କୁ "ବିଶ୍ୱକର୍ମା" ସ୍ୱତନ୍ତ୍ର ପରିଚୟ ପ୍ରଦାନ କରାଯିବା ସହିତ ସେମାନଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ଆବଶ୍ୟକ ତାଲିମ, ପ୍ରଯୁକ୍ତିବିଦ୍ୟା ଓ ଋଣର ବ୍ୟବସ୍ଥା ଅଛି ।

ପ୍ରାପ୍ତ ସୂଚନା ଅନୁଯାୟୀ ଜଗତସିଂହପୁର ଜିଲ୍ଲାରେ ଏହି ବିଭାଗ ତରଫରୁ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଯଥାକ୍ରମେ ୨୦୨୩-୨୪ ଆର୍ଥିକ ବର୍ଷରେ

PMEGP ମାଧ୍ୟମରେ ୫୫ ଜଣ ମହିଳା, ୨୦୨୪-୨୫ ଆର୍ଥିକ ବର୍ଷରେ ୫୬ ଜଣ ମହିଳା, ୨୦୨୫-୨୬ ଆର୍ଥିକ ବର୍ଷରେ ୦୮ ଜଣ ମହିଳା ଏବଂ ପ୍ରଧାନମନ୍ତ୍ରୀ ଅଣୁ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ସଙ୍ଗଠିକରଣ ଯୋଜନା (PMFME) ମାଧ୍ୟମରେ ୨୦୨୩-୨୪ ଆର୍ଥିକ ବର୍ଷରେ ୦୨ ଜଣ, ୨୦୨୪-୨୫ ଆର୍ଥିକ ବର୍ଷରେ ୦୨ ଜଣ, ୨୦୨୫-୨୬ ଆର୍ଥିକ ବର୍ଷରେ ୫ ଜଣ ମହିଳା ଲାଭବାନ ହୋଇଛନ୍ତି | ଏହାର ବ୍ଲକୱାରୀ ତାଲିକା **ପରିଶିଷ୍ଟ "କ"** ରେ ସଂଲଗ୍ନ କରାଯାଇଅଛି । ଆଗାମୀ ଦିନରେ ମହିଳାମାନଙ୍କୁ ଉଦ୍ୟୋଗ କ୍ଷେତ୍ରରେ ସ୍ୱାବଲମ୍ବି କରିବାପାଇଁ ପ୍ରଚେଷ୍ଟା ଜାରି ରହିଅଛି |

ପରିଶିଷ୍ଟ "କ"

1.Block / ULB wise achievement under PMEGP (only Women Entrepreneur)

| Sl | Name of the Block / ULB | No. of cases sanctioned during | | |
|---|---|---|---|---|
| | | 2023 - 24 | 2024 - 25 | 2025 – 26(As on 18.09.2025) |
| 1 | Balikuda | 07 | 09 | - |
| 2 | Biridi | 02 | 10 | 01 |
| 3 | Erasama | 04 | 03 | 01 |
| 4 | Jagatsinghpur | 13 | 05 | 03 |
| 5 | Kujang | 11 | 11 | 02 |
| 6 | Naugaon | 02 | 01 | - |
| 7 | Raghunathpur | 04 | 07 | - |
| 8 | Tirtol | 03 | 06 | 01 |
| 9 | Jagatsingpur(Mun.) | 07 | 01 | - |
| 10 | Paradeep(Mun.) | 02 | 03 | - |
| | Total | 55 | 56 | 08 |

2.Block / ULB wise achievement under PMFME (only Women Entrepreneur)

| Sl. No | Name of the Block / ULB | FY 2023-24 | | FY 2024-25 | | FY 2025-26 | | Total Sanction of applications |
|---|---|---|---|---|---|---|---|---|
| | | Individual | Group | Individual | Group | Individual | Group | |
| 1 | Balikuda | - | - | - | - | - | - | **0** |
| 2 | Biridi | - | 1 | - | - | - | - | **1** |
| 3 | Erasama | - | - | - | - | - | 1 | **1** |
| 4 | Jagatsinghpur | 1 | - | - | - | 2 | 1 | **4** |
| 5 | Kujang | - | - | - | - | - | - | **0** |
| 6 | Naugaon | - | - | - | - | - | - | **0** |
| 7 | Raghunathpur | - | - | 1 | - | - | - | **1** |
| 8 | Tirtol | - | - | 1 | - | 1 | - | **2** |
| 9 | Jagatsinghpur (Mun) | - | - | - | - | - | - | **0** |
| 10 | Paradeep | - | - | - | - | - | - | **0** |
| **Total** | | **1** | **1** | **2** | **0** | **3** | **2** | **9** |